# Akashvani, Sambalpur

# SAMBALPURI NEWS MORNING BULLETIN

# 18 March 2026 - 6.47- 6.52 am.

---

ଏଲ୍‌ପିଜି ସମସ୍ୟା ମୁକାବିଲା ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ଏଛନିର୍ ସମିଆଥି ଏଲ୍‌ପିଜି ଯୋଗାଣ ସମସ୍ୟାର୍ ମୁକାବିଲା ଲାଗି ରାଜ୍ୟ ସର୍କାର୍ ସିଟି ଗେସ୍ ଭିତିଭୂମିକେ ତୁର୍ତି କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଇ ବାବ୍‌ଦେ ଜରୁରୀକାଳୀନ୍ ରୋଡ୍‌ମେପ୍ ତିଆର୍ କରାଯାଇଛେ । ବୈଠକ୍‌ଥି ଡାକ୍ତର୍‌ଖାନା, ହୋଟେଲ୍ ଆଉ ରେଷ୍ଟୁରାଂଟ୍ ମାନ୍‌କେ ଏଲ୍‌ପିଜି ବଦ୍‌ଲେ ପାଇପ୍ ଜରିଏ ପ୍ରାକୃତିକ ଗେସ୍- ପିଏନ୍‌ଜି ଆଉ ସିଏନ୍‌ଜି ବେଭାର୍‌କେ ତହଁକାବାର୍ ଲାଗି ନିଷ୍ପତି ନିଆଯାଇଛେ । ଇତାର୍ ଭିତିଭୂମି ବିକାଶ୍ କାମ୍‌କେ ଯୁଦ୍ଧକାଳୀନ ଭିତିଥି କର୍‌ବାର୍ ସହେତେ ଆଏବା ଜୁନ୍ ୩୦

ତାରିଖ୍‌ତକ୍ କାମ୍ ଶେଷ୍ କର୍‌ବାର୍‌କେ ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ସିଙ୍ଗିଲ୍ ଓ୍ୱିଣ୍ଡୋ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତୃପକ୍ଷର ଶହେ ୪୫ ନମ୍ବର୍ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ୪ ହଜାର୍ ୫ ଶହ ୧୦ କୋଟି ୬୫ ଲାଖ୍ ଟଙ୍କାର୍ ୨୩ ଟା ଶିଳ୍ପ ନିବେଶ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ସମ୍ବଲ୍‌ପୁର୍, କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍‌ଗଡ୍ ଜିଲ୍ଲ ସହେତେ ୧୧ ଟା ଜିଲ୍ଲା ନ ଇ ପ୍ରକଳ୍ପ ମାନ୍ ଥାପ୍‌ନା ହେବା । ଇତାର୍‌ଜରିଏ ରାଏଜେ ୧୦ ହଜାର୍ ଶହେ ୨୨ ଝନ୍‌କୁ ନିଯୁକ୍ତି ମିଲିପାର୍‌ବା ।

ମୁଖ୍ୟ ଶାସନ୍ ସଚିବ-ଅଗ୍ନି ନିରାପତା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଡାକ୍ତର୍‌ଖାନା ଆଉ ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ଅଗ୍ନି ନିରାପତା ବ୍ୟବସ୍ଥା ଆହୁରି ବର୍‌କସ୍ କର୍‌ବାର୍‌କେ ମୁଖ୍ୟ ଶାସନ୍

ସଚିବ ଅନୁ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ଶ୍ରୀମତୀ ଗର୍ଗ ରାଏଜେ ଅଗ୍ନି ନିରାପତା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ରାଜ୍ୟର୍ ସର୍କାରୀ ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍ଖାନାମାନ୍କେ ଅଗ୍ନି ନିରାପତା ସୁରକ୍ଷାକେ ନେଇକରି ସ୍ୱାସ୍ଥ୍ୟ ବିଭାଗ୍ର ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଇ ଅବ୍ସରେ ନୋଡ଼ାଲ୍ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛେ । ଇତାର୍ସହେତେ ଅଗ୍ନି ନିରାପତା ବ୍ୟବସ୍ଥାକେ ନଜର୍ଥି ରଖିକରି ସର୍କାରୀ କୋଠା ତିଆର୍ ଯୋଜ୍ନାକେ ଅନୁମୋଦନ୍ କରାଯିବା ବଲି ଶ୍ରୀମତୀ ଗର୍ଗ କହିଛନ୍ ।

ଜନଗଣନା ବୈଠକ୍        ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଜିଲ୍ଲାପାଲ୍ମାନ୍କର୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ୍ ପୱନ୍ କଲ୍ୟାଣ୍ ଜନଗଣନା-୨୦୨୭ର ପହେଲା ଖେପ୍ ବାବ୍ଦେ

ତଥ୍ୟ ଉପସ୍ଥାପନ୍ କରିଥିଲେ । ଏପ୍ରିଲ୍ ୧ ନୁ ୧୫ ତାରିଖ୍ ଭିତ୍ରେ ହେବାର୍କେ ଥିବା ଗନ୍ତି ଆଉ ଏପ୍ରିଲ୍ ୧୬ ନୁ ମେ ୧୫ ତକ୍ ହେବାର୍କେ ଥିବା ଘର୍ଗନ୍ତି କେ ନେଇକରି ଜିଲ୍ଲାମାନ୍କେ ଚାଲିଥିବା କାମ୍କାଜ୍ ବାବ୍ଦେ ଶ୍ରୀ କଲ୍ୟାଣ୍ ସୂଚ୍ନା ଦେଇଥିଲେ ।

ଓଡ଼ିଶା ଦିବସ୍ ପ୍ରସ୍ତୁତି      ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଏପ୍ରିଲ୍ ୧ ନୁ ୧୪ ତାରିଖ୍ତକ୍ ଜାକ୍ଜମକ୍ଥି ଓଡ଼ିଆ ପକ୍ଷ ପାଲନ୍ କରାଯିବା । ଏପ୍ରିଲ୍ ୧ ତାରିଖ୍ ଦିନ ନୂଆଦିଲ୍ଲୀ ସହେତେ ରାଜ୍ୟର୍ ଜିଲ୍ଲା ଆଉ ଉପଖଣ୍ଡସ୍ତର୍ ମାନ୍କେ ଓଡ଼ିଶା ଦିବସ୍ ପାଲନ୍ କରାଯିବା । ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ନ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହର୍ ଆୟୋଜନ୍ କରାଯିବା ବଲି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରସ୍ତୁତି ବୈଠକ୍ଥି ନିଷ୍ପତି ନିଆଯାଇଛେ ।

ଖରା ମୁକାବିଲା-ମାର୍ଗଦର୍ଶିକା      ଆଇ.ଆଣ୍ଡ୍.ପି.ଆର୍

ଖରାର୍ ମୁକାବିଲା ଲାଗି ପୌରାଂଚଲ୍ ମାନ୍କର୍ ଲାଗି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍ସାରେ ସହରାଂଚଲ୍ ମାନ୍କେ ପିଇବାର୍ ପାନିର୍ ବ୍ୟବସ୍ଥା ସୁନିଶ୍ଚିତ୍ କରାଯିବା । ପାନିର୍ କେନ୍ସି ଭିଲ୍ ଅଭିଯୋଗ୍ ଆସ୍ଲେ ୨୪ ଘଂଟା ଭିତ୍ରେ ସମାଧାନ୍ କରାଯିବା । ଦର୍କାର୍ ପଡ୍ଲେ ଟେଙ୍କର୍ ଜରିଏ ଲୁକ୍କୁ ପାଏନ୍ ଯୁଗେଇ ଦିଆଯିବା । ନଲ୍କୂଅାଁ ମାନେ ଠିକ୍ ଭାବେ କାମ୍ କରୁଛେ କି ନାଇଁ କର୍ବାର୍ ତାହାକେ ନଜର୍ଥି ରଖ୍ବାର୍ ସହେତେ ମରାମତି ଭିଲ୍ କରାଯିବା ।  ଖରା ସମିଆଥି ନିର୍ମାଣ୍ କାମ୍ କରାନାଇଁ ଯାଏ ।

ପୁରୀଶ୍ରୀମନ୍ଦିର- ବୈଠକ୍       ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ନ ଆଏଜ୍ ଦିନର୍ ୧୧ ବଜେ ଗଜ୍ପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ପ୍ରକଳ୍ପ ସାଂସ୍କୃତିକ ଆଉ ପ୍ରକଳ୍ପ ବୈଷୟିକ ଉପକମିଟିର୍ ବୈଠକ୍ ହେବା । ଇ ଅବ୍ସରେ ଗଜପତି ମହାରାଜ୍ ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ଆଉ

ରଥଯାତ୍ରା ବାବଦ୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପମାନ୍‌କର ସମୀକ୍ଷା କର୍‌ବେ । ସେଆଡ଼େ ଚୈତ୍ ମାସର୍ ଅନ୍ଧାର ପଖର୍ ଚତୁର୍ଦ୍ଦଶୀ ତିଥି ଅବ୍‌ସରେ ଆଏଜ୍ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯିବା । ଇଥିର୍‌ଲାଗି ସଞ୍ଜବେଲର୍ ୬ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ।

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନା        ସୁବର୍ଣ୍ଣପୁର୍ ସମ୍ବାଦଦାତା

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାଥି ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ୭୪ ଝନ୍ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ପୁରୀ ଯାଇଛନ୍ । ଓଡ଼ିଶା ରାଜ୍ୟ ପରିବହନ୍ ନିଗମ୍‌ର ୨ ଟା ବସ୍ ଜରିଏ ତୀର୍ଥଯାତ୍ରୀମାନେ ପୁରୀ ଯାଇଛନ୍ । ତୀର୍ଥଯାତ୍ରୀମାନ୍‌କୁ ନେଇକରି ଯାଇଥିବା ବସ୍ ଗଲାକାଏଲ୍ ଜିଲ୍ଲାସଂସ୍କୃତି ଭବନ୍ ଠାନେ ପ୍ରଶାସନ୍ ତର୍‌ଫୁ ପତାକା ଦେଖେଇକରି ଶୁଭାରମ୍ଭ କରାଯାଇଥିଲା । ତୀର୍ଥଯାତ୍ରୀମାନ୍‌କର୍ ସାଙ୍ଗେ ୬ ଝନ୍ ସର୍‌କାରୀ କର୍ମଚାରୀ ଆଉ ୨ ଝନ୍ ଚିକିତ୍ସା ଅଧିକାରୀ ଭିଲ୍ ଯାଇଛନ୍ ।

ସୁଭଦ୍ରା ଶକ୍ତିମେଳା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନ ଚାଲିଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା -୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମେଳାଥି ଜିଲ୍ଲା ଆଉ ଜିଲ୍ଲା ବାହାରର୍ ଶହେ ୨୦ ଟା ଷ୍ଟଲ୍ ଜରିଏ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନେ ନିଜର୍ ତିଆରି ଦରବ୍ ପ୍ରଦର୍ଶନ୍ କର୍‌ବାର୍ ସହେତେ ବିକ୍ରି ବଟା କରିଥିଲେ । ୭ ଦିନିଆ ମେଳାଥି ୭୦ ଲାଖ୍ ୯୦ ହଜାର୍ ଟଙ୍କାର୍ ବେପାର୍ ହେଇଥିବାର୍ ଜନାପଡ଼ିଛେ ।

ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ -୨୦୨୬ ମୁଲ୍ ହେବା । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରତିଯୋଗିତାକେ ଉଦ୍‌ଘାଟନ୍ କର୍‌ବେ । ଓଡ଼ିଶାନୁ ୪୦ ଝନ୍ ପ୍ରତିଯୋଗିତାଥି ଭାଗ୍ ନେଉଛନ୍ । ଓଡ଼ିଶା ପାରା କ୍ରୀଡ଼ା ସଂଘ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବବ୍ୟାପାର୍

ବିଭାଗ୍ ତର୍‌ଫୁ ହଉଥିବା ପ୍ରତିଯୋଗିତାଥି ଶହେ ୪୫ ନୁ ଅଏତ୍‌କା ବର୍ଗଥି ଖେଲ୍ ହେବା ଆଉ ଚମ୍ପିଆନ୍‌ସିପ୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଘଡ୍‌ଘଡ଼ି ସହେତେ ଧୁକାଗର୍ଦ୍ଦି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ଶୁକ୍ରବାର୍ ଦିନ ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୧ ଟା ଜାଗା ନ ଧୁକାଗର୍ଦ୍ଦି ସହେତେ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।